ନିତିଦିନ NITIDIN

**ତୁଷାର୍ଦ୍ଧ ହରିଣର ମୃତ୍ୟୁ**

ଆଠଗଡ଼,୧୨।୨/ଏନ୍ଏନ୍ଏସ୍: ଆଠଗଡ ବନଖଣ୍ଡ ଅଞ୍ଚଳରେ ଆଜି ଏକ ପୁରୁଷ ତୁଷାର୍ଦ୍ଧ ହରିଣର ମୃତ୍ୟୁ ଘଟିଛି। ହରିଣଟି ପାଣି ପିଇବା ଆଶାରେ ସୁକାଶନ ଜଙ୍ଗଲରୁ ବାହାରି ଅସି ନିକଟ ମେଘା ଗ୍ରାମକୁ ଚାଲି ଆସିଥିଲା। ବନବିଭାଗର ତଥ୍ୟ ଅନୁଯାୟୀ ତାକୁ ଗ୍ରାମର କିଛି ବୁଲା କୁକୁର ଗୋଡାଇ ଗୋଡାଇ କାମୁଡ଼ି ମାରି ଦେଇଛନ୍ତି। ଖବରପାଇ ସଦର୍ ରେଞ୍ଜର ଗୌରଗୋପାଳ ସିଂଙ୍କ ନିର୍ଦ୍ଦେଶରେ ରାଜନଗର ବନପାଳ ପ୍ରଦୀପ ପରିଡା ଏବଂ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ହରିଣର ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରି ନିକଟରେ ପୋତି ଦେଇଛନ୍ତି।

### ଭୁବନେଶ୍ୱର ଆଇଆଇଟିର ୯ମ ପ୍ରତିଷ୍ଠା ଉତ୍ସବ

# 'ଆଇଆଇଟି ବିଦ୍ୟାର୍ଥୀ ଦାରିଦ୍ର୍ୟ ଦୂରୀକରଣ ସୂତ୍ର ଖୋଜନ୍ତୁ'




ଭୁବନେଶ୍ୱର, ଜଟଣୀ, ୧୨।୨/ ଏନ୍ଏନ୍ଏସ୍ : ଆଇଆଇଟିରେ ପଢୁଥିବା ଛାତ୍ରଛାତ୍ରୀ ଦେଶର ଗରିବ ଓ ବଞ୍ଚିତ ଲୋକ ମାନଙ୍କର ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବା ଜରୁରୀ। ଦେଶ ସାମ୍ନା କରୁଥିବା ସମସ୍ୟାକୁ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗରେ ସମାଧାନର ରାସ୍ତା କାଢ଼ିବାର ଦାୟିତ୍ୱ ନେବା ଆବଶ୍ୟକ। ଭୁବନେଶ୍ୱର ଆଇଆଇଟିର ଛାତ୍ରଛାତ୍ରୀ ସେମାନଙ୍କର ସୃଜନଶୀଳତାକୁ ବ୍ୟବହାର କରି ଲୋକଙ୍କ ଜୀବନ ମାନରେ ଉନ୍ନତି ଆଣିବାରେ ସହାୟକ ହେବା ଉଚିତ୍ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଇଆଇଟି ଭୁବନେଶ୍ୱରରେ ଷ୍ଟାର୍ଟ ଅପ ସେଣ୍ଟର ଖୋଲା ଯିବ।

ଏହି ସେଣ୍ଟରକୁ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତରଫରୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଦେଶରେ ତୈଳ ଓ ପ୍ରାକୃତିକ ଗ୍ୟାସର ସ୍ୱଳ୍ପତା କାରଣରୁ ଭାରତ ଭଳି ଦେଶର ପ୍ରଗତି ପ୍ରଭାବିତ ହେଉଛି। ତେଣୁ ଆଇଆଇଟିର ଛାତ୍ରଛାତ୍ରୀ ଦେଶର ନିରନ୍ତର ବିକାଶ ପାଇଁ ପରିବେଶକୁ ସୁରକ୍ଷିତ ରଖିବାର ନୂତନ ରାସ୍ତା ବାହାର କରିବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି।

ଅରୁଗୁଳ ସ୍ଥିତ ଆଇଆଇଟି(ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ବିଜ୍ଞାନର ଅଗ୍ରଗତି ଲାଗି ପ୍ରତ୍ୟେକ ମାନବର ଏହା ଜୀବନଧାରା ହେବା ଉଚିତ୍। ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ମଧ୍ୟ ସାମାଜିକ ପରିବର୍ତ୍ତନ ସହ ଏକ ସୁସ୍ଥ ପରିବେଶ ଗଠନ ଲାଗି ଉଦ୍ୟମ କରିବା ଉଚିତ୍ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ଟି ଚନ୍ଦ୍ରଶେଖର ଯୋଗଦେଇ କହିଥିଲେ ଯେ, ବିଜ୍ଞାନର ବିକାଶ ମାଧ୍ୟମରେ ଅନେକ ପରିବର୍ତ୍ତନ ଘଟିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରିବା ଉଚିତ୍।

ତେବେ ପରିବେଶ ପ୍ରତି ସଚେତନ ହେବା ସହ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ପିଲାମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ପରେ ପ୍ରଫେସର ବି.ଆର୍ ରେଡ୍ଡୀ, ପ୍ରଫେସର ଅମିତ କୁମାର ମିନା ବୈଷୟିକ ଶିକ୍ଷାର ବିକାଶ ଏବଂ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀ କିପରି ଅଧିକ ଆଗ୍ରହୀ ହୋଇପାରିବେ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଆରଭି ରାଜକୁମାର ଅନୁଷ୍ଠାନର ଭିତ୍ତିଭୂମି ଓ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ.ମିହିର ପଣ୍ଡିତ୍, ଡ. ଯୋଗେଶ ଗଣପତି, ଡ. ଅରିନ୍ଦମ ସରକାର, ପଦ୍ମଶ୍ରୀ କୁମ୍‌କୁମ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ପ୍ରକାଶ ଜାଭେଦ ପରିଚାଳନା କରିଥିଲେ।